# ତହସିଲ କାର୍ଯ୍ୟାଳୟବାଲିଶଙ୍କରା ,

ଶୁଦ୍ଧି ପତ୍ର )Corrigendum) ସଂଖ୍ୟା 2135 ତା. 20.9.22

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅଧିନସ୍ଥ ବାଲିଶଙ୍କରା ତହସିଲରେ ଥିବା ସାରଣୀ-1 ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସକୁ ଆସନ୍ତା 5 ବର୍ଷ ପାଇଁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ **'M'** ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (3) ସେଟ୍ ଜଉମୁଦ ଲଫାପାରେ ଆସନ୍ତା 21.10.2022 ତାରିଖ ଦିବା 12.00 ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ବାଲିଶଙ୍କରା କାର୍ଯ୍ୟାଳୟରେ ଥିବା **Tender BOX** ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡ଼ିକ ସେହି ଦିନ ଦିବା 12.30 ସମୟରେ ତହସିଲଦାର ଙ୍କ କାର୍ଯ୍ୟାଳୟରେ ଜଉମୁଦ ଥିବା Tender Box କୁ ଖୋଲାଯାଇ ସେଥିରେ ଥିବା ଲଫାପା ଗୁଡିକୁ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି । ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ ରୂପେ ଲେଖିବାକୁ ପଡ଼ିବ । ଦରଖାସ୍ତକାରୀ ପ୍ରତେକ ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ କରିବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ୱିତୀୟ ଥର ପାଇଁ ତା 28.10.2022 ରିଖ ଓ ତୃତୀୟଥର ପାଇଁ ତା. 04.11.2022 ରିଖ ଦିବା 12.00 ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ । ସେ ଗୁଡ଼ିକ ଅପରାହ୍ନ 12.30 ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି କୁ ନିରସ୍ତ "କରାଯାଇ ଏହା ବଦଲରେ ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ M ସହିତ ଅନ୍ୟାନ୍ୟ ଆବଶ୍ୟକିୟ କାଗଜାତର ତିନି 3 ସେଟ ଜଉମୁଦା ଲଫାପାରେ ତହସିଲଦାର ବାଲିଶଙ୍କରା ଙ୍କ ନାମେ ରେଜେଷ୍ଟ୍ରି ଏଡି କରି ଡାକ ଯୋଗେ ପଠାଇବାକୁ ହେବ । ଯାହା ଆସନ୍ତା 20.10.2022 ରିଖ ଦିନ ତହସିଲଦାର ଙ୍କ କାର୍ଯ୍ୟାଳୟ କୁ ପହଞ୍ଚିବା ବିଧେୟ, ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଉକ୍ତ ରେଜିଷ୍ଟ୍ରି ଏଡି ଲଫାପାକୁ ତାର ପରବର୍ତ୍ତି ଦିନ ତଥା 21.10.2022 ରିଖ ଦିନ ଦିବା 12.00 ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଉକ୍ତ ଚୟନ

20.9.22

ପ୍ରକ୍ରିଆରେ ଉପସ୍ଥିତ ରହି ପାରିବେ । ଜଉମୁଦ ଲଫାପା ରେଜିଷ୍ଟ୍ରି କରିବା ସମୟରେ ନିର୍ଦ୍ଦିଷ୍ଟ ଲଫାପାର ଉପରି ଭାଗରେ ସୈରାତ ଉତ୍ସର ନାମ ସଠିକ ରୂପେ ଉଲ୍ଲେଖ କରିବାକୁ ପଡିବ । ପ୍ରତେକ ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଲଫାପାରେ ଦାଖଲ କରିବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହେଲେ ଦ୍ୱୀତୀୟ ଥର ପାଇଁ ତା. 28.10.2022 ରିଖ ଦିନ ଓ ତୃତୀୟ ଥର ପାଇଁ ତା 04.11.2022 ରିଖ ଦିନ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହି ପରି ଭାବରେ ଦରଖାସ୍ତ କରି ପାରିବେ ଓ ସେଗୁଡିକ ପରବର୍ତ୍ତି ଦିନ ତଥା 29.10.2022 ଓ 05.11.2022 ରିଖ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିଆ ଆରମ୍ଭ କରାଯିବ, ଦରଖାସ୍ତ କରୀ ଉକ୍ତ ଚୟନ ପ୍ରକ୍ରିଆରେ ଉପସ୍ଥିତ ରହିପାରିବେ କୁ ସନ୍ନିବେଶ କରାଗଲା ।

୨୦.୯.୨୨

ତହସିଲଦାର, ବାଲିଶଙ୍କରା

ଜ୍ଞାପକ ସଂଖ୍ୟା ୨୪୩୬ ତାରିଖ ୨୦.୯.୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (NIC) ସୁନ୍ଦରଗଡଙ୍କ ଅବଗତି ତଥା ଜିଲ୍ଲା ରେ ପ୍ରଦର୍ଶିତ କରିବା ନିମନ୍ତେ ପ୍ରେରଣ କରାଗଲା ।

୨୦.୯.୨୨

ତହସିଲଦାର, ବାଲିଶଙ୍କରା

ଜ୍ଞାପକ ସଂଖ୍ୟା ୨୪୩୭ ତାରିଖ ୨୦.୯.୨୨

ଏହାର ଏକକିତା ନକଲ, ତହସିଲ କାର୍ଯ୍ୟଳୟ ବାଲିଶଙ୍କରା ଙ୍କ ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ବି.ଡି.ଓ ବାଲିଶଙ୍କରା ଙ୍କ ନୋଟିସ ବୋର୍ଡ / ସମସ୍ତ ଗ୍ରାମ ପଞ୍ଚାୟତର ନୋଟିସ ବୋର୍ଡ ରେ ବିଶେଷ ପ୍ରସାରଣ ପାଇଁ ପ୍ରେରଣ କରାଗଲା ।

୨୦.୯.୨୨

ତହସିଲଦାର, ବାଲିଶଙ୍କରା